## ସଂକ୍ଷେପରେ

### ଗାଡ଼ିରୁ ପଡି ଶିଶୁକନ୍ୟା ମୃତ

**ଜେକେପୁର, ୨୭।୧୧(ଡି.ଏନ୍.ଏ.):** ବଣଭୋଜିରୁ ଫେରିବା ବେଳେ ଗାଡ଼ିରୁ ଖସିପଡି ଜଣେ ଶିଶୁ କନ୍ୟା ପ୍ରାଣ ହରାଇଛନ୍ତି। ସେ ହେଲେ ଜେକେପୁର କାଳିଦାସ ସାହିର ପି.ହରିପ୍ରସାଦ ପଟ୍ଟନାୟକଙ୍କ ଝିଅ ପି.ଅଶ୍ୱିନୀ(୭) । ପ୍ରକାଶ ଯେ, ହରିପ୍ରସାଦ ଝିଅ ଅଶ୍ୱିନୀ ଓ ଭଉଣୀ ଭି.ରାଧା କୁମାରୀ(୪୫)ଙ୍କ ସହ ବିଷମକଟକ ବ୍ଲକ ଚାଟିକଣାରୁ ଟିଭିଏସ ଏକ୍ସଲ ସୁପର (ଓଡି-୧୮-୬୩୪୪) ଯୋଗେ ବଣଭୋଜି ସାରି ସୋମବାର ଅପରାହ୍ନରେ ଫେରୁଥିଲେ। ଥେରୁବାଲି ନିକଟରେ ହଠାତ ପି. ଅଶ୍ୱିନୀ ଗାଡିରୁ ଖସି ପଡିଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟି ଯାଇ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଅଶ୍ୱିନୀଙ୍କୁ ଜେକେପୁରସ୍ଥିତ ଇଏସ୍ଆଇ ହସ୍ପିଟାଲକୁ ନିଆଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମଙ୍ଗଳବାର ପରିବାର ଲୋକେ ଏ ନେଇ ଚାନ୍ଦିଲି ଥାନାରେ ଏତଲା ଦେଇଥିଲେ। ପୋଲିସ ଡାକ୍ତରଖାନାରେ ପହଞ୍ଚି ବ୍ୟବଚ୍ଛେଦ କରାଇ ମୃତଦେହ ପରିବାରକୁ ହସ୍ତାନ୍ତର କରିଛି।

### ରକ୍ତଦାନ ଶିବିର

**ଗୁଣପୁର, ୨୭।୧୧(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ଜିଆଇଇଟି ଅଟୋନମସ ମହାବିଦ୍ୟାଳୟରେ ମଙ୍ଗଳବାର ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନା ପକ୍ଷରୁ ଆୟୋଜିତ ଏହି ଶିବିରକୁ ଅନୁଷ୍ଠାନର ପ୍ରିନ୍ସିପାଲ ଡ.କେ.ସେନ୍ଥିଲ କୁମାର ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ୩୮ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଡାକ୍ତର ସିଏଚ. ବସନ୍ତ ଏବଂ ଅନ୍ୟ କର୍ମଚାରୀ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ । ଅନୁଷ୍ଠାନର ଡିନ ଡ.ଏନ.ଭି.ଜେ ରାଓଙ୍କ ସମେତ ଏନ୍ଏସ୍ଏସ୍‌ର ଆବାହକ ଡ.ପ୍ରେମାଂଶୁ ଶେଖର ରଥ, କାର୍ଯ୍ୟକ୍ରମ ଅଧିକାରୀ ପି.ଶିବକ୍ରିଷ୍ଣା, ସୌମ୍ୟା ସୁଚରିତା ପଟ୍ଟନାୟକ ପରିଚାଳନାରେ ସହଯୋଗ କରିଥିଲେ ।

## ଅବସରପ୍ରାପ୍ତ ପ୍ରିନ୍ସିପାଲଙ୍କ ଘରେ ଡକାୟତି

# ୨୫ ଲକ୍ଷ ଟଙ୍କାର ଅଳଙ୍କାର ଲୁଟ୍

**ରାୟଗଡା ଅଫିସ୍, ୨୭।୧୧**

ରାୟଗଡା ସହରର ଅଶୋକନଗର ପ୍ରଥମ ଲାଇନ୍‌ରେ ରହୁଥିବା ରାୟଗଡା କଲେଜର ଅବସରପ୍ରାପ୍ତ ପ୍ରିନ୍ସିପାଲ ଆଲୋକ କୁମାର କରଙ୍କ ଘରୁ ଡ଼କାୟତି ହୋଇଛି। ଦୁର୍ବୃତ୍ତମାନେ ଘରର କବାଟ ତାଡ଼ି ପ୍ରାୟ ୨୫ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଓ ୪୦ ଲକ୍ଷ ଟଙ୍କାର ଜିନିପତ୍ର ଚୋରି କରି ନେଇଛନ୍ତି । ଏନେଇ ତାଙ୍କ ପୁଅ ଥାନାରେ ଏତଲା ଦେଇଛନ୍ତି । ଏସପି ରାହୁଲ ପିଆର୍, ଏସ୍‌ଡିପିଓ, ଡିଏସ୍‌ପି ସତ୍ୟ ବିକାଶ ଭୁୟାଁ ଓ ରାୟଗଡା ଥାନାଧିକାରୀ କୃଷ୍ଣଚନ୍ଦ୍ର ଭତ୍ରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି । ବୁଧବାର କୋରାପୁଟରୁ ଏକ ସାଇଣ୍ଟିଫିକ୍ ଟିମ୍ ଓ ରାୟଗଡା ଡଗ୍ ସ୍କାର୍ଡ ଯାଇ ତଦନ୍ତ କରିବେ ବୋଲି ଜଣାଯାଇଛି । ଗତ ୧୨ତାରିଖରେ ଆଲୋକଙ୍କ ବଡଝିଅ କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ୍‌ରେ ନୂତନ ତହସିଲଦାର ଭାବେ ଯୋଗ ଦେଇଛନ୍ତି। ଏନେଇ ପରିବାର ଲୋକେ ଲକ୍ଷ୍ମୀପୁର ଯାଇଥିଲେ । ମଙ୍ଗଳବାର ଅପରାହ୍ନ ୪ଟାରେ ଫେରିବା ପରେ ଘରର ଆଗ କବାଟ ତଡ଼ାଯାଇଥିବା ଦେଖିବାକୁ ପାଇଥିଲେ । ଘରୁ ଅଳଙ୍କାର ସହ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ନେଇ ତାଙ୍କ ପୁଅ ସମରଜିତ କର ପ୍ରକାଶ କରିଛନ୍ତି ।



ଏସ୍‌ପି ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି ।

## ଶ୍ରେଷ୍ଠ ସିନେ ସମୀକ୍ଷକ ଭାବେ ଗୌରୀଶଙ୍କର ପୁରସ୍କୃତ

**ଗୁଣପୁର, ୨୭।୧୧(ଡି.ଏନ.ଏ)**

ସିନେ ସମୀକ୍ଷକ ଗୌରୀଶଙ୍କର ପଣ୍ଡା ଆଉ ଏକ ସମ୍ମାନରେ ଯୋଡି ହୋଇଯାଇଛନ୍ତି । ରୂପରଙ୍ଗ ପକ୍ଷରୁ ତାଙ୍କୁ ଶ୍ରେଷ୍ଠ ସିନେ ସମୀକ୍ଷକ ଭାବେ ପୁରସ୍କୃତ କରାଯାଇଛି । ଓଡିଆ ଚଳଚ୍ଚିତ୍ର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରୂପରଙ୍ଗ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଗତ ୧୮ ତାରିଖରେ ବାଲେଶ୍ୱରର ଗାନ୍ଧୀ ସ୍ମୃତି ଭବନଠାରେ ରୂପରଙ୍ଗ ପତ୍ରିକାର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ.ଗିରିଧର ଗମାଙ୍ଗ, ବରିଷ୍ଠ ଅଭିନେତା ଅଜିତ ଦାସ, ରୂପରଙ୍ଗ ସଂପାଦକ ରମାକାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ଏହି ସମ୍ମାନ ପ୍ରଦାନ କରିଥିଲେ । ଏହା ପୂର୍ବରୁ ସେ ଚିତ୍ର ପରି ସୁବର୍ଣ୍ଣ ଜୟନ୍ତୀ ସମ୍ମାନ, ଚଳଚ୍ଚିତ୍ର ଜଗତ ସମ୍ମାନ, ବାଣୀଚିତ୍ର ସମ୍ମାନ, ରୂପନଗରୀ ସମ୍ମାନ, ସିନେମା ସଂସାର ସମ୍ମାନ, ସିନେ ସେଲିବ୍ରିଟି ସମ୍ମାନ, ବାଣୀଚିତ୍ର-୨୦୧୩ ସମ୍ମାନ, ,ସୋଟାଇମ, ରାୟଗଡା ଜିଲା ସାମ୍ବାଦିକ ସଂଘ, ଗୁଣପୁର ବ୍ରହ୍ମକଳ୍ପ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ମଧ୍ୟ ସମ୍ମାନ ପାଇଛନ୍ତି। ପାଇବାରେ ଗୌରବ ଅର୍ଜନ କରିଛନ୍ତି। ବର୍ତ୍ତମାନ ସେ ସିନେମା ସଂସାର, ବାଣୀଚିତ୍ର, ସିନେମା ଦୁନିଆ ଓ ରୂପରଙ୍ଗ ଭଳି ପତ୍ରିକାର ସହସଂପାଦକ ଭାବେ କାର୍ଯ୍ୟ କରୁଛନ୍ତି । ପୂର୍ବରୁ ସେ କ୍ରୀଡା ପୃଷ୍ଠା ପାଇଁ ନିଜର ଲେଖନିଚାଳନା କରୁଥିଲେ । ଏନେଇ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।



ଗୌରୀଶଙ୍କର ପଣ୍ଡା ପୁରସ୍କୃତ ହେଉଛନ୍ତି ।

## ହକି ନେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

**ରାୟଗଡା ଅଫିସ୍, ୨୭।୧୧**

ହକି ବିଶ୍ୱ କପ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ଏହାକୁ କିପରି ଲୋକମାନେ ଦେଖିପାରିବେ ସେଥିଲାଗି ରାୟଗଡ଼ାରେ ସିଧାପ୍ରସାରଣର ବ୍ୟବସ୍ଥା କରାଯାଇଛି । ସ୍ଥାନୀୟ ଜିସିଡି ପଡିଆରେ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ଜିଲାପାଳ ଗୁହା ପୁନମ ତାପସ କୁମାରଙ୍କ ସମେତ ପିଡି ଡିଆର୍‌ଡିଏ, ଡିପିସି, ଡିଏସ୍‌ଓ, ପିଏଆଇଟିଡିଏ, ଡିଇଓ, ଡିଡବ୍ଲ୍ୟୁଓ ତଥା ଜିଲାର ପ୍ରାୟ ସମସ୍ତ ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିଲେ । ଏଥିସହ ରାୟଗଡା ସହର ପ୍ରମୁଖ ସ୍ଥାନଗୁଡ଼ିକରେ ଏଲଇଡି ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଦେଖିବାର ସୁଯୋଗ ପାଇଥିଲେ ଜନସାଧାରଣ ।

### ସାମାଜିକ କର୍ମୀଙ୍କୁ ହତ୍ୟା ଧମକ

## ଆରକ୍ଷୀ ଅଧୀକ୍ଷକଙ୍କୁ ଦେଲେ ପତ୍ର

**ରାୟଗଡା ଅଫିସ୍, ୨୭।୧୧**

ସାମାଜିକ କର୍ମୀ ବଳରାମ ପଣ୍ଡା ମଙ୍ଗଳବାର ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ପିଆର୍‌ଙ୍କୁ ଭେଟି ଏକ ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ,ସମାଜରେ ଅନ୍ୟାୟ, ଦୁର୍ନୀତି , ଗୋସୁରକ୍ଷା ଓ ମଦ ବନ୍ଦ ନେଇ ସ୍ୱର ଉତ୍ତୋଳନ କରିବା ସହ ଲୋକଙ୍କୁ ସଚେତନ କରାଇ ଆସୁଛି । କିଛି ମାସ ହେଲା ପଦ୍ମପୁର ଅଞ୍ଚଳରେ ଦୁର୍ନୀତି ଓ ନିଶା ବିରୋଧି ଜନସଚେତନ କାର୍ଯ୍ୟକ୍ରମ ମଧ୍ୟ କରୁଛି । ଯାହାର ପରିଣାମ କିଛି ଦୁର୍ନୀତି ଲୋକ ଲୋଚନକୁ ଆସିଛନ୍ତି ଏବଂ ୨ଟି ପଞ୍ଚାୟତର ୪ଟି ଗ୍ରାମରେ ସମ୍ପୂର୍ଣ୍ଣ ମଦ ବନ୍ଦ ହୋଇସାରିଛି। ଏଥିରେ ସୁଶାନ୍ତ ପଣ୍ଡା, ଲକ୍ଷ୍ମଣ ସାହୁ, ଜୟ ପଣ୍ଡା ୩ଜଣ ବ୍ୟକ୍ତି ବାରମ୍ବାର ସୋସିଆଲ ମିଡିଆରେ ଅସଭ୍ୟ ଭାଷା ପ୍ରୟୋଗ କରି ହତ୍ୟା ଧମକ ଦେଇ ଆସୁଛନ୍ତି । ଏପରିକି ମୋତେ ମାଡ ମାରିବାକୁ ଯୋଜନା ଚଳାଇଛନ୍ତି । ଏହାକୁ ନେଇ ମୁଁ ଭୟଭୀତ ହୋଇପଡ଼ିଛି । ଏଣୁ ଉକ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉକ୍ତ ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି ।



ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

## ଗୁଣପୁରରେ ହକିର ସିଧା ପ୍ରସାରଣ

**ଗୁଣପୁର, ୨୭।୧୧(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ନୂତନ ବସଷ୍ଟାଣ୍ଡସ୍ଥିତ ଚଇତି ସାଂସ୍କୃତିକ ମଣ୍ଡପରେ ହକି ବିଶ୍ୱକପ ମ୍ୟାଚର ସିଧା ପ୍ରସାରଣ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି । ବିଧାୟକ ତ୍ରିନାଥ ଗମାଙ୍ଗ ମୁଖ୍ୟ ଅତିଥି ଏବଂ ଉପ ଜିଲାପାଳ ଡ.ବି.ଏସ.ବଳିରାମ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ପୌର ପରିଷଦ ସିଇଓ ସଙ୍ଗୀତା ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ ବିଭିନ୍ନ ସ୍କୁଲ , କଲେଜ ଏବଂ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଡ.ଚନ୍ଦନ ଗନ୍ତାୟତ ହକି ଲାଗି ଗାଇ ଥିବା ଗୀତକୁ ଏଠାରେ ଅଡିଓ ମାଧ୍ୟମରେ ଲୋକଙ୍କୁ ଶୁଣାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଗୁଣପୁର ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଗୋରାଚାନ୍ଦ ଗମାଙ୍ଗ, ବିଡିଓ ଗାୟତ୍ରୀ ଦେବୀ , ତହସିଲଦାର ନମ୍ରତା ମୋଦୀ, ପୂର୍ବତନ ଏନଏସି ଅଧ୍ୟକ୍ଷ ଶିବ ପ୍ରସାଦ ଗୌଡଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଖେଳ ଉପଭୋଗ କରିଥିଲେ। ପୌର ପରିଷଦ ନିର୍ବାହି ଅଧିକାରୀ ଭାବଗ୍ରାହୀ ସାହୁଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## କିନ୍ନର ସଂଘ ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର

**ଗୁଣପୁର, ୨୭।୧୧(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ମା' ମାଝିଗୌରୀ କମ୍ୟୁନିଟି ବେସଡ ଅର୍ଗାନାଇଜେଶନ ପକ୍ଷରୁ କିନ୍ନରମାନଙ୍କ ବିଭିନ୍ନ ସମସ୍ୟା ନେଇ ଉପଜିଲାପାଳ ବି.ଏସ.ବଳିରାମଙ୍କୁ ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦୀର୍ଘମାସ ହେବ ସେମାନେ ସେମାନଙ୍କର ଦାବି ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ତାହା ପୂରଣ କରାଯାଇ ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ । ତେଣୁ ସେମାନଙ୍କ ଦାବିକୁ ତୁରନ୍ତ ପୂରଣ କରାଯିବାକୁ ଉପଜିଲାପାଳଙ୍କଠାରେ କିନ୍ନର ସଂଘ ସଂପାଦକ ଶିଶିର କାନ୍ତ ମହାପାତ୍ର, ନରେନ୍ଦ୍ର ଶ୍ରୀରାମ, ରମେଶ ବାଉରି, ବଳିଆ ଶବର, ଗଣେଶ ଶବର, ବୈକୁଣ୍ଠ ଗମାଙ୍ଗ, କଟେଶ୍ୱର କନ୍ଧୁରିକା ପ୍ରମୁଖ ଦାବି କରିଛନ୍ତି । ଆଧାରକାର୍ଡରେ ଲିଙ୍ଗ ପରିବର୍ତ୍ତନ, ଭୋଟ ପରିଚୟ ପତ୍ର ପ୍ରଦାନ, ରାଶନ କାର୍ଡ ଯୋଗାଣ, ବସୁନ୍ଧରା ଯୋଜନାରେ ଜମି ଯୋଗାଣ, ସ୍ୱୀକୃତି ଯୋଜନାରେ ପାଠପଢା କିନ୍ନରଙ୍କୁ ଷ୍ଟାଇପେଣ୍ଡ ପ୍ରଦାନ ଏବଂ ଦକ୍ଷତା ବିକାଶ ତାଲିମ ପ୍ରଦାନ ଦାବିରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା ।

OFFICE OF THE PRINCIPAL
**S.K.C.G. (AUTONOMOUS) COLLEGE, PARALAKHEMUNDI, GAJAPATI**
L. No.: 2528/2018 Dt.: 26.11.2018
**QUOTATION CALL NOTICE**
Sealed quotations are invited from man power and Security Service providing agencies for supplying agencies for supplying supportive semi skilled and unskilled staffs for SKCG Autonomous College, Paralakhemundi, Gajapati.
Detail information including term and conditions for applying are available in the College website: **skcgparala.ac.in**. The last date of submission of quotation is 12th December 2018 and the same will be opened on 13th December 2018 at 12 Noon.
Sd./- Principal

ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର-୭୫୧୦୧୪
ପ୍ରଫେସର ଶ୍ରୀରାମଚନ୍ଦ୍ର ଦାଶ ଜନ୍ମଶତବାର୍ଷିକୀ
୨୮ ନଭେମ୍ବର ୨୦୧୮ (ବୁଧବାର) ସନ୍ଧ୍ୟା ୬.୦୦ ଘଟିକା
ସ୍ଥାନ : ଭଞ୍ଜ କଳାମଣ୍ଡପ, ଭୁବନେଶ୍ୱର
ଉଦ୍‌ଘାଟକ — ଡକ୍ଟର ସୌମ୍ୟରଞ୍ଜନ ପଟ୍ଟନାୟକ, ମାନ୍ୟବର ସାଂସଦ, ରାଜ୍ୟସଭା ଏବଂ ସମ୍ପାଦକ 'ସମ୍ବାଦ'
ସମ୍ମାନନୀୟ ଅତିଥି — ଡକ୍ଟର ବିଜୟାନନ୍ଦ ସିଂହ, କାର୍ଯ୍ୟକାରୀ ପରିଷଦ ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ
ମୁଖ୍ୟବକ୍ତା — ଅଧ୍ୟାପକ ବିଶ୍ୱରଞ୍ଜନ, ବିଶିଷ୍ଟ ସାହିତ୍ୟିକ
ସଭାମୁଖ୍ୟ — ଶ୍ରୀ ହରିହର ମିଶ୍ର, ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ
ଉକ୍ତ ସାରସ୍ୱତ କାର୍ଯ୍ୟକ୍ରମରେ ସାହିତ୍ୟପ୍ରେମୀ ସୁଧୀବୃନ୍ଦ ଯୋଗଦାନ କରିବାକୁ ଅନୁରୋଧ ।
ଜୟନ୍ତୀ ରଥ
ସଚିବ



ଶିବିରରେ ଯୋଗ ଦେଇଥିବା ଛାତ୍ରୀମାନେ ।

## ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ରାୟଗଡା ଅଫିସ୍, ୨୭।୧୧**

ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଗୋଲେଡନ ଜୁବୁଲି ପ୍ରକୋଷ୍ଠରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ରୂପେ ଉପଆରକ୍ଷୀ ଅଧୀକ୍ଷକ ଅନନ୍ତ ପ୍ରସାଦ ମଲ୍ଲିକ ଯୋଗଦେଇ ଏହି କୌଶଳ ଶିକ୍ଷା ଲାଭ କରିଥିବା ଛାତ୍ରୀମାନଙ୍କ ଭବିଷ୍ୟତରେ ସହାୟକ ହେବ ବୋଲି ମତ ପୋଷଣ କରିଥିଲେ । ଆଜିକାଲି ନାରୀ ଏବଂ ବଧୂ ନିର୍ଯାତନା ରୋକିବାକୁ ହେଲେ ଏହି କୌଶଳ ଶିଖିବା ନିତାନ୍ତ ଦରକାର ବୋଲି ମତ ପୋଷଣ କରିଥିଲେ । ଜିଲା ସଂଯୋଜକ ଅରୁଣ କୁମାର ଖାଡଙ୍ଗା ଶିବିର ନୀତି, ନିୟମ ଏବଂ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଏଥିରେ ପ୍ରଶିକ୍ଷକ ଭାବେ ନାଗମଣୀ କୁମ୍ଭାର ଏବଂ ଚନ୍ଦ୍ରାକାନ୍ତା ତିୱାରୀ ଯୋଗ ଦେଇଥିଲେ । ଏହାକୁ କଲେଜ ସଂଯୋଜକ ପୂଜା ପଟ୍ଟନାୟକ ଏବଂ ଅଞ୍ଜଳି କୁମାରୀ ଜାନୀ ପରିଚାଳନା କରିଥିଲେ । ଏଥିରେ ୧୨୦ ଜଣ ଛାତ୍ରୀ ଯୋଗ ଦେଇଛନ୍ତି।

## ଶୋରୁମ ଗୁଳିକାଣ୍ଡ ଘଟଣାରେ ଜଣେ ଗିରଫ

**ରାୟଗଡା ଅଫିସ୍, ୨୭।୧୧**

ରାୟଗଡା ସହରର ମେନରୋଡ୍‌ସ୍ଥିତ ରେଡିମେଡ ଶୋ ରୁମ୍ ଗୁଳିକାଣ୍ଡ ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି । ସେ ହେଲେ ଉତ୍ତରପ୍ରଦେଶର ଗାଜିଆବାଦ ଅଞ୍ଚଳର ପ୍ରଭାତ ରାଣା । ରାୟଗଡା ପୋଲିସ ତାଙ୍କୁ ବିଶାଖାପାଟଣାରୁ ଗିରଫ କରିଛି । ତାଙ୍କ ନିକଟରୁ ଗୋଟିଏ ପିସ୍ତଲ ଓ ୬ ରାଉଣ୍ଡ ଗୁଳି ଜବତ କରାଯାଇଛି । ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ରାହୁଲ ପିଆର୍ ଏହି ସୂଚନା ଦେଇଛନ୍ତି । ପ୍ରଭାତ କିଛିଦିନ ହେବ ଅଭିଯୋଗକାରୀ ମୋହିତଙ୍କ ପରିବାରର ଜଣେ ସଦସ୍ୟଙ୍କ ସହ ଚାଟିଂ କରୁଥିଲେ । ଚାଟିଂ ବେଳେ କିଛି ଅପଶବ୍ଦ ବ୍ୟବହାର କରିବାରୁ ସେ ପ୍ରଭାତଙ୍କୁ ବ୍ଲକ୍ କରି ଦେଇଥିଲେ । ପ୍ରଭାତ ଅନ୍ୟ ଆଇଡିରୁ ଚାଟିଂ କରିବା ପାଇଁ ଉଦ୍ୟମ କରିଥିଲେ। ହେଲେ ସଫଳ ନ ହେବାରୁ ପ୍ରତିହିଂସା ପରାୟଣ ହୋଇ ହତ୍ୟା କରିବା ପାଇଁ ଯୋଜନା କରିଥିଲେ । ସେ ଗାଜିଆବାଦରୁ ରାୟଗଡା ଆସି ଗତ ୨୦ ତାରିଖରେ ଦୋକାନ ଉପରକୁ ଗୁଳିମାଡ଼ କରି କୋରାପୁଟ ଚାଲି ଯାଇଥିଲେ । ସେଠାରୁ ବିଶାଖାପାଟଣା ଯାଇଥିବା ବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା ବୋଲି ଏସ୍‌ପି କହିଛନ୍ତି ।




## ହକି ପାଇଁ ମିନି ମାରାଥନ

**କୋଲନରା, ୨୭।୧୧(ଡି.ଏନ୍.ଏ)**

ବିଶ୍ୱ ହକିରେ ଭାଗ ନେଇଥିବା ଭାରତୀୟ ଦଳକୁ ଉତ୍ସାହିତ କରିବା ନେଇ ଏକ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି । ଏହା ମିଟ୍ସ ଇଞ୍ଜିନିୟରିଂ କଲେଜ ଠାରୁ ବାହାରି ତହସିଲ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା । ଏହି କାର୍ଯ୍ୟକ୍ରମରେ କୋଲନରା ବିଡିଓ ତାପସ ଭୋଇ, ତହସିଲଦାର ମାନସୀ ନାୟକ, ରାମଚନ୍ଦ୍ର ପ୍ରଧାନ, ଏମ୍.ଖଗେଶ୍ୱର ରାଓ, ଶୁଭଦର୍ଶନୀ ପଟ୍ଟନାୟକ, ଡାକ୍ତର ରଶ୍ମିପ୍ରଭା ଦାସ, ଅଞ୍ଜଳି ମହାନ୍ତି, ଡାକ୍ତର ଜ୍ୟୋତ୍ସ୍ନାମୟୀ ରାଉତ, ଯୋଗେନ୍ଦ୍ର ଚିନ୍ତଡା, ବିପିନ ବିହାରୀ ବାରିକ ଯୋଗ ଦେଇଥିଲେ। ଏହି ମାରାଥନ ଦୌଡରେ ମିଟ୍ସ ଇଞ୍ଜିନିୟରିଂ କଲେଜର ଛାତ୍ର, ବିଜୁ ଯୁବ ବାହିନୀ ଓ କୋଲନରାର ବହୁ ଯୁବକ ସାମିଲ ହୋଇଥିଲେ । ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ରାୟଗଡ଼ାରେ ସମ୍ବିଧାନ ଦିବସ ପାଳିତ

**ରାୟଗଡା ଅଫିସ୍, ୨୭।୧୧**

ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ବିଶ୍ୱଜିତ ଦାସଙ୍କ ସଭାପତିତ୍ୱରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ସମାଜରେ ସମତା ରକ୍ଷା କରିବା ଓ ନ୍ୟାୟ ଦେବା ପାଇଁ ସେ ଆଇନଜୀବୀମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ରୂପେ ଅବସରପ୍ରାପ୍ତ ରାଜନୀତି ବିଜ୍ଞାନ ପ୍ରଫେସର ଦୁଷ୍ମନ୍ତ କୁମାର ମହାନ୍ତି ସମ୍ବିଧାନ ପ୍ରଣୟନ ଓ ଅଧିକାର ସମ୍ପର୍କରେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଜେଏମ୍ ଦେବେନ୍ଦ୍ର ବାରିକ, ସବ୍‌ଜଜ୍ ରୁଦ୍ରପ୍ରସାଦ ମହାପାତ୍ର, ଏସ୍‌ଡିଜେଏମ୍ ରେଜିଷ୍ଟ୍ରର ଗ୍ରାମ୍ୟ ନ୍ୟାୟାଧିକାରୀ, ଜେଏମ୍‌ଏଫ୍‌ସି, ଉପଜିଲାପାଳ ପ୍ରବୀର ନାୟକ, ସମ୍ବିଧାନ ଦିବସ ଉପସ୍ଥିତ ଥିଲେ। ଆଇନଜୀବୀ ବ୍ରଜସୁନ୍ଦର ନାୟକ, ଲାବଣ୍ୟମୋହନ ପଟ୍ଟନାୟକ, ପଦ୍ମନାଭ ଦାସ ଉପସ୍ଥିତ ଥିଲେ। ଏହାକୁ ହୃଷିକେଶ ସାହୁ ପରିଚାଳନା କରିଥିଲେ।






## ସଂକ୍ଷେପରେ

### ଡେଙ୍ଗୁରେ ଜଣେ ଆକ୍ରାନ୍ତ

ନବରଙ୍ଗପୁର୨୭।୧୧(ବି.ପ୍ର.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସଦର ମହକୁମା ଜଗନ୍ନାଥ ମନ୍ଦିର ତଳ ସାହିର ହେମଲତା ପାଢୀ ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି । ତାଙ୍କୁ ଗତ ୨୪ ତାରିଖରେ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇ ୩ ଦିନ ଧରି ଚିକିତ୍ସା କରାଯାଇଥିଲା। ଜ୍ୱର ନ କମିବାରୁ ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାକୁ ରବିବାର ସ୍ଥାନାନ୍ତର କରାଯାଇଥିଲା। ଏଠାରେ ରକ୍ତ ପରୀକ୍ଷା ପରେ ସେ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା। ହେମଲତାଙ୍କୁ କୋରାପୁଟ ମେଡିକାଲ କଲେଜକୁ ଚିକିତ୍ସା ପାଇଁ ନେବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି । ହେମଲତାଙ୍କ ସ୍ୱାମୀ ଦେବନାଥ ପାଢୀଙ୍କ କହିବା ଅନୁଯାୟୀ ଦିନକ ପାଇଁ ଛତିଶଗଡ ଆଉଁଳିଗୁମ୍ଫା ଯାଇଥିଲେ । ସେଠାରେ ଦିନେ ରହିବା ପରେ ଘରକୁ ଫେରି ଯାଇଥିଲେ । ୧୦ ଦିନ ହେଲା ହେମଲତା ଜ୍ୱରରେ ଆକ୍ରାନ୍ତ ହୋଇଛନ୍ତି ବୋଲି କହିଛନ୍ତି।

ଅନ୍ତଃରାଷ୍ଟ୍ରୀୟ କଲାର ସମାଜ ମହାସଭା

### ଡାବୁଗାଁରୁ ସାମିଲ ୧୦ ସଦସ୍ୟଙ୍କୁ ସ୍ୱାଗତ

ଡାବୁଗାଁ, ୨୭।୧୧ (ଡି.ଏନ୍.ଏ.)- ମଧ୍ୟପ୍ରଦେଶର ଭୋପାଳରେ ଅନୁଷ୍ଠିତ ଅନ୍ତଃରାଷ୍ଟ୍ରୀୟ କଲାର ସମାଜ ମହାସଭା ତଥା ସହସ୍ରବାହୁ କଥା ଏବଂ ମନସ୍କାମନା ପୂର୍ତ୍ତି ମହାଯଜ୍ଞରେ ଡାବୁଗାଁ ବ୍ଲକ କଲାର ସମାଜର ୧୦ ଜଣ ସଦସ୍ୟ ସାମିଲ ହୋଇଥିଲେ। ମଙ୍ଗଳବାର ସେଠାରୁ ଫେରିବା ଅବସରରେ ସମସ୍ତଙ୍କୁ ଡାବୁଗାଁ ବ୍ଲକ କଲାର ସମାଜ ପକ୍ଷରୁ ସ୍ୱାଗତ କରାଯାଇଛି। ଏକ ବିରାଟ ଶୋଭାଯାତ୍ରାରେ ସେମାନଙ୍କୁ ସ୍ୱାଗତ କରାଯିବା ପରେ ଡାବୁଗାଁସ୍ଥିତ କଲାର ଭବନରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ଜିଲା କଲାର ସମାଜ ଉପସଭାପତି ରାମସିଂ ମାଝି, ବ୍ଲକ ସମ୍ପାଦକ କମଳଲୋଚନ ପ୍ରଧାନୀ, କଲାର ସମାଜ ମହିଳା ମଣ୍ଡଳ ଅଧକ୍ଷା ସବିତା କଲାର, ପର୍ଣ୍ଣ କଲାରଙ୍କ ସମେତ ବହୁ ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ।

■ ମଣ୍ଡେଇ ମଞ୍ଚ ନାଟକ ଉଦ୍‌ଘାଟିତ

# ନାଟକ ଦେଇଥାଏ ଶୃଙ୍ଖଳିତ ବାର୍ତ୍ତା

ନବରଙ୍ଗପୁର,୨୭।୧୧(ବି.ପ୍ର.)

ସ୍ଥାନୀୟ ଶାସ୍ତ୍ରୀ ଭବନ(ଟାଉନ ହଲ) ଠାରେ ଜିଲାସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ଅବସରରେ ମଞ୍ଚ ନାଟକ ଅନୁଷ୍ଠିତ ହୋଇ ଯାଇଛି । ଉଦଘାଟନୀ ଉତ୍ସବରେ ଜିଲାପାଳ ଡଃ. ଅଜିତ କୁମାର ମିଶ୍ର ଯୋଗ ଦେଇ ନାଟକ ମାଧ୍ୟମରେ ସାମାଜିକ ସଚେତନତା ଓ ଅନେକ ଶୃଙ୍ଖଳିତ ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚିପାରୁଛି । କଳା, ସଂସ୍କୃତି,ପରମ୍ପରାକୁ ନେଇ ଜଡିତ ନାଟକ ମହୋତ୍ସବକୁ ସମସ୍ତ ଉପଭୋଗ କରିବାକୁ ଆହ୍ୱାନ ଦେଇଥିଲେ । ଅତିରିକ୍ତ ଜିଲାପାଳ ପରିକ୍ଷିତ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମଞ୍ଚରେ ସମ୍ମାନିତ ଅତିଥି ଭାବେ ଏସପି ବିବେକାନନ୍ଦ ଶର୍ମା, ନାଟ୍ୟ ନିର୍ଦ୍ଦେଶକ ବୃନ୍ଦାବନ ତ୍ରିପାଠୀ, ନବକିଶୋର ପଣ୍ଡା ଯୋଗ ଦେଇ ନାଟକ, କଳା ଓ କଳାକାର ମଧ୍ୟରେ ରହିଥିବା ପରମ୍ପରା ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ନାଟ୍ୟକାର ତଥା ଗୀତିକାର ଅଶୋକ କୁମାର ପଟ୍ଟନାୟକ ମଞ୍ଚ ନାଟକ ଦ୍ୱାରା ଅନେକ କଳାକାର ବିଭିନ୍ନ ମଞ୍ଚକୁ ଯାଇ ନିଜର ପାରିଦର୍ଶିତା ପ୍ରଦାନ କରିଛନ୍ତି । ନବରଙ୍ଗପୁର ଏକ କଳା ଓ କଳାପ୍ରେମୀ ମାଟି ବୋଲି କହିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ସଂଯୋଜନା କରିଥିଲେ । ଉପଜିଲାପାଳ କରୁଣାକର ରାଇକା, ଉଦଘୋଷକ ଦିଲୀପ ହୋତା, ପିଡି ଡିଆରଡିଏ ରମାକାନ୍ତ ନାୟକ, ବୁଲୁ ହୋତା,ରାମ ପାତ୍ର, ରାମ ସିଂ, ଫାଲଗୁନି ପାତ୍ର, ହୃଷିକେଶ ମିଶ୍ର, ଭୁବନେଶ୍ୱର ଦାସ, ସୁରେଶ ପଟ୍ଟନାୟକ, ଦୁର୍ଗା ପାଢୀ ଓ ନାଟକ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

#### ପ୍ରଥମ ଦିବସରେ ଖସିପଡିଛି ଆକାଶ ଚାନ୍ଦ ନାଟକ ମଞ୍ଚସ୍ଥ


ପରିବେଷଣ ହେଉଥିବା ନାଟକର ଏକ ଦୃଶ୍ୟ ।

ପ୍ରଥମ ଦିନରେ ଉମରକୋଟ ପୌର ପରିଷଦର ଖସିପଡିଛି ଆକାଶ ଚାନ୍ଦ ମଞ୍ଚ ନାଟକ ପ୍ରଦର୍ଶିତ ହୋଇଥିଲା । ନାଟ୍ୟକାର ଶାନ୍ତି ଲତା ମହାନ୍ତି, ନିର୍ଦ୍ଦେଶକ ଧନଞ୍ଜୟ ହରିଜନ, ସଙ୍ଗୀତ ନିର୍ଦ୍ଦେଶନା ଉତ୍ତମ ପଟ୍ଟନାୟକ, ବାଦ୍ୟ ଯନ୍ତ୍ରରେ ଉତ୍ତମ ଓ କୃଷ୍ଣ ପ୍ରିୟା ଦୁର୍ଗା ରହିଥିଲେ । ଏହି ନାଟକରେ ୧୨ ଜଣ କଳାକାର ରହିଥିଲେ। ଅନ୍ଧ ଦୁନିଆରୁ ଅନ୍ଧକାରକୁ ଦୂର କରି ଜୀବନ ପଥ ଆଲୋକିତ କରିବା ପାଇଁ ପଥ ପ୍ରଦର୍ଶକ ରୂପକ ଏହି ନାଟକ ପରିବେଷଣ ହୋଇଥିଲା । ଯୌବନ ନୌକାରେ ପଥ ଭ୍ରଷ୍ଟ ହେଉଥିବା ଯୁବତୀ ଯୁବକ ମାନଙ୍କ ପାଇଁ ଏକ ବାର୍ତ୍ତା ଏହି ନାଟକରେ ପ୍ରଦର୍ଶିତ ହୋଇଥିଲା ।


କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହ ଅନ୍ୟମାନେ ।

# ବିଶ୍ୱ ହକି ପ୍ରତିଯୋଗିତା ଉଦଘାଟନ ପ୍ରଦର୍ଶିତ

ନବରଙ୍ଗପୁର,୨୭।୧୧(ବି.ପ୍ର.)

ନବରଙ୍ଗପୁର ଜିଲା କ୍ରୀଡା ବିଭାଗ ପକ୍ଷରୁ ବିଶ୍ୱ ହକି କ୍ରୀଡା ପ୍ରତିଯୋଗୀତା ଉଦଘାଟନ ଉତ୍ସବର ପ୍ରଦର୍ଶନ କରାଯାଇଥିଲା । ଏଥିରେ ଜିଲାପାଳ ଅଜିତ କୁମାର ମିଶ୍ର, ଜିଲା ଯୋଜନା କମିଟିର ଅଧ୍ୟକ୍ଷ ତଥା ବିଧାୟକ ମନୋହର ରନ୍ଧାରୀ, ଅତିରିକ୍ତ ଜିଲାପାଳ ପରୀକ୍ଷିତ ସେଠୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଉପଜିଲାପାଳ କରୁଣାକର ରାଇକା,ଜିଲା ପଞ୍ଚାୟତ ଅଧିକାରୀ ବସନ୍ତ କୁମାର ପାତ୍ର , ଜିଲାସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ବିଜୟ କୁମାର ମିଶ୍ର ପ୍ରମୁଖ ସମେତ ବହୁ ସରକାରୀ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଜିଲା କ୍ରୀଡା ଅଧିକାରୀ ଅକ୍ଷୟକୁମାର ସିଠ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । ଏଥିରେ ବହୁ କ୍ରୀଡା ପ୍ରେମୀ, ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଖେଳାଳୀ, ବିଜୁ ଯୁବ ବାହିନୀର ସଦସ୍ୟ ,ସ୍ୱେଚ୍ଛାସେବୀ ଓ ଯୁବକଯୁବତୀ ମାନେ ଯୋଗଦେଇଥିଲେ ।

# ସମ୍ବିଧାନ ଦିବସ ପାଳିତ

ନବରଙ୍ଗପୁର,୨୭।୧୧(ଡି.ଏନ୍.ଏ.)–

ଆଇନ ଦିବସ ଅବସରରେ ସ୍ଥାନୀୟ ଜିଲା କୋର୍ଟ ପରିସରରେ ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ସମ୍ବିଧାନ ଦିବସ ଅନୁଷ୍ଠିତ ହୋଇଯାଇଛି । ଏଠାରେ ମୁଖ୍ୟ ଅତିଥି ଭାବେ ଜିଲା ଜଜ ରାଜେନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇ ଭାରତର ନାଗରିକଙ୍କ ମୌଳିକ ଅଧିକାର ଉପରେ ଆଲୋକପାତ କରିଥିଲେ। ଲୋକଙ୍କ ଅସୁବିଧାକୁ ନ୍ୟାୟପାଳିକାଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଆଇନଜୀବୀମାନଙ୍କୁ ଅନୁରୋଧ କରିଥିଲେ । ତେବେ ସମ୍ବିଧାନ ଦିବସର ମର୍ଯ୍ୟାଦା ରହିବା ଅନ୍ୟ ଅତିଥି ଭାବେ ଦୁର୍ନୀତି ନିବାରଣ ସ୍ୱତନ୍ତ୍ର ଜଜ ସୋମଶେଖର ଜେନା, ପରିବାର ବିଚାର ବିଭାଗୀୟ ଜଜ ବିକ୍ରମ ପ୍ରଧାନ, ଅତିରିକ୍ତ ଜିଲା ଜଜ ବେଣୁଧର ପାତ୍ର, ମୁଖ୍ୟ ବିଚାରବିଭାଗୀୟ ଦଣ୍ଡାଧିକାରୀ ଆର.କେ. ମହାପାତ୍ର, ଚୌଧୁରୀ ପ୍ରବୀର କୁମାର, ରେଜିଷ୍ଟ୍ରର ମନୋରଞ୍ଜନ ଦାସ, ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ପ୍ରସନ୍ନ କୁମାର ବେହେରା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଗୁରୁଚରଣ ଜେନାମଣି, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୌମ୍ୟ ରଞ୍ଜନ ନାୟକ, ନବରଙ୍ଗପୁର ଆଇନଜୀବୀ ସଂଘର ସଭାପତି ନରସିଂହ ତ୍ରିପାଠୀ, ସେକ୍ରେଟାରୀ ରାମ ପ୍ରସାଦ ପାତ୍ର ପ୍ରମୁଖ ଯୋଗଦେଇଥିଲେ । ଜିଲା ଆଇନସେବା ପ୍ରାଧିକରଣର ସମ୍ପାଦକ ପ୍ରସନ୍ନ କୁମାର ବେହେରା ଶିବିର ପରିଚାଳନା କରିଥିଲେ ।



ମଞ୍ଚାସୀନ ଅତିଥିମାନେ ।

### ନିଯୁକ୍ତି ସଂକ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୨୭।୧୧(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ କ୍ୟାରିୟର କାଉନସେଲିଂ ସେଲ ପକ୍ଷରୁ 'ସ୍ନାତକଙ୍କ ନିମନ୍ତେ ଭବିଷ୍ୟତ' ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧ୍ୟକ୍ଷ ସଞ୍ଜୟ କୁମାର ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଜିତେନ୍ଦ୍ରନାଥ ପଟ୍ଟନାୟକ ଯୋଗଦେଇ ସ୍ନାତକଙ୍କ ନିମନ୍ତେ ଭବିଷ୍ୟତରେ ନିଯୁକ୍ତି ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ । ସଂଯୋଜକ ଅଜୟ କୁମାର ତ୍ରିପାଠୀ ସାମ୍ପ୍ରତିକ ସମୟରେ ଛାତ୍ରୀଛାତ୍ରଙ୍କ ପାଇଁ ନିଯୁକ୍ତି ପ୍ରକ୍ରିୟା ତଥା ଏ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଇଚ୍ଛାଶକ୍ତି ଓ ପ୍ରଶିକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଥିବାବେଳେ ଆଗାମୀ ଦିନରେ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଉପସଂଯୋଜକ ସନ୍ଦୀପନ ବାନାର୍ଜୀ, ବୈଲୋଚନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# କ୍ରୀଡ଼ା ଉପକରଣ ବିତରଣ ସମାରୋହ


କ୍ରୀଡା ଉପକରଣ ବିତରଣ ସମାରୋହରେ ବିଜୁ ଯୁବବାହିନୀ ସଦସ୍ୟଙ୍କ ସହ ଅତିଥିମାନେ।

ଝରିଗାଁ,୨୭।୧୧(ସ୍ୱ.ପ୍ର)

ନବରଙ୍ଗପୁର ଜିଲା ଝରିଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରଠାରେ ବ୍ଲକର ୨୩ଟି ପଞ୍ଚାୟତର ବିଜୁ ଯୁବ ବାହିନୀଙ୍କୁ କ୍ରୀଡା ଉପକରଣ ବିତରଣ ସମାରୋହ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ ଯୋଗଦେଇଥିବା ବେଳେ ଏମପିଙ୍କ ପ୍ରତିନିଧି ଉଦୟନାଥ ନାୟକ, ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପ୍ରୀୟରଂଜନ ଦାସ, ବିଡିଓ ବିରେନ୍ଦ୍ର ବାହାଦୂରସିଂ ଧରୁଆ, ଜିଲା ପରିଷଦ ସଭ୍ୟ ମୋହନ ନାୟକ, ଜିଲା ପରିଷଦ ସଭ୍ୟା ତନୁଜା ପନକା, ବ୍ଲକ ଉପାଧକ୍ଷା ମଞ୍ଜୁଲତା ପନକାଙ୍କ ସହ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆଗାମୀ ୩ ବର୍ଷ ମଧ୍ୟରେ ଏହି ସ୍ୱେଚ୍ଛାସେବୀ ସଂସ୍ଥାର ଉନ୍ନତୀ କରଣ ସକାଶେ ରାଜ୍ୟ ସରକାର ପ୍ରାୟ ୪୫୦ କୋଟି ଟଙ୍କା ଖର୍ଚ୍ଚ କରିବା ନେଇ ବଜେଟ ପ୍ରସ୍ତୁତ କରିଥିବା ମନ୍ତ୍ରୀ ପ୍ରକାଶ କରିଛନ୍ତି। ଝରିଗାଁ ବ୍ଲକରେ ରହିଥିବା ବିଜୁ ଯୁବ ବାହିନୀ ମାନଙ୍କ ସକାଶେ ପ୍ରତି ପଞ୍ଚାୟତ ପିଛା ୩୦ ହଜାର ଟଙ୍କାର ଚେକ ସହାୟତା ରାଶି ପ୍ରଦାନ କରାଯାଇଛି। ଯେଉଁଥିରେ କି ଯୁବ ଗୋଷ୍ଠୀଙ୍କ ସକାଶେ ଖେଳ ଉପକରଣ ସାମଗ୍ରୀ ବଣ୍ଟନ କରାଯାଇଅଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥଜିତ ମଣ୍ଡଳଙ୍କ ପରିଚାଳନାରେ ଅନୁଷ୍ଠିତ କ୍ରୀଡା ଉପକରଣ ବିତରଣ ସମାରୋହ ଉତ୍ସବ ଅନୁଷ୍ଠିତ ହୋଇଥିଲା।

# ବିଶ୍ୱ ହକି କପ୍ ପାଇଁ ମିନି ମାରାଥନ

ଡାବୁଗାଁ/କୋଷାଗୁମୁଡା, ୨୭।୧୧ (ଡି.ଏନ୍.ଏ.)–

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କୋଇଲାରୀ ପଞ୍ଚାୟତ ସଦର ଗ୍ରାମରେ ବିଜୁ ଯୁବ ବାହିନୀ ପକ୍ଷରୁ ହକି ବିଶ୍ୱକପ ନିମନ୍ତେ ମିନି ମାରାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡାବୁଗାଁ ବ୍ଲକ ଅଧ୍ୟକ୍ଷ ବଂଶୀଧର ମାଝି ପତାକା ଦେଖାଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ମିନି ମାରାଥନ କୋଇଲାରୀ ଗ୍ରାମରୁ ବାହାରି ବଡକୋଇଲାରୀ, ଜନ୍ଦ୍ରୀଗୁଡା ଓ କେନ୍ଦୁଗୁଡା ଦେଇ ସରଗୁଡା ଗ୍ରାମ ଛକରେ ପହଞ୍ଚିଥିଲା । ଏଥିରେ କୋଇଲାରୀ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀମାନଙ୍କ ମଧ୍ୟରେ ପାର ଭତ୍ରା (୧ମ), ଫୁଲମତି ଭତ୍ରା (୨ୟ) ଓ ବାସନ୍ତୀ କଲାର (୩ୟ) ହୋଇଥିଲେ। ସେହିପରି ବିଜୁ ଯୁବ ବାହିନୀର ଚକ୍ର ଭତ୍ରା (୧ମ), ଚନ୍ଦନ ଭତ୍ରା (୨ୟ) ଓ ବସୁଦେବ ମାଝୀ (୩ୟ)ହୋଇଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ କୋଇଲାରୀ ପଞ୍ଚାୟତ ସରପଞ୍ଚ ଚନ୍ଦ୍ରୀ ଭତ୍ରା, ସମିତି ସଭ୍ୟା ମଇନା ଭତ୍ରା, କୋଇଲାରୀ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ବେହେରା, ଶିକ୍ଷକ ବଲ୍ଲଭ ନାରାୟଣ ପଣ୍ଡା, ଭକ୍ତଚନ୍ଦ୍ର ମାଝୀ, ବିଜୁ ଯୁବ ବାହିନୀର ସଭାପତି ଡିସେମ୍ବର ଭତ୍ରା, ସମ୍ପାଦକ ଅନିରୁଦ୍ଧ ମାଝି ପ୍ରମୁଖ ଉପସ୍ଥିତ ଥିଲେ ।ସେହିପରି କୋଷାଗୁମୁଡା ବ୍ଲକ ଅନ୍ତର୍ଗତ ବାମୁଣୀ ପଞ୍ଚାୟତର ରାମପାଲ୍ଲୀ ଗ୍ରାମରେ ମଙ୍ଗଳବାର ବିଜୁ ଯୁବବାହିନୀ ଦ୍ୱାରା ଗଣଦୌଡ କରାଯାଇଥିଲା । ପଞ୍ଚାୟତର ବିଜୁ ବାହିନୀର ଯୁବକମାନେ ରାମପାଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟଠାରୁ ବାହାରି କେଲିଗୁମଣ୍ଡଳୀ ଗ୍ରାମ ପର୍ଯ୍ୟନ୍ତ ପହଞ୍ଚିଥିଲେ। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ବିଶ୍ୱ ହକି କପ ପ୍ରତିଯୋଗିତା ହେଉଥିବା ବେଳେ ଏହି ଅଞ୍ଚଳର ଯୁବକମାନେ ମଧ ଉତ୍ସାହିତ ହୋଇ ଗଣଦୌଡ କରିଥିଲେ। ଏଥିରେ ବାମୁଣୀ ପଞ୍ଚାୟତର ସରପଞ୍ଚ ଚିନ୍ତାମଣି ମାଝି, ସମିତି ସଭ୍ୟ ବୈଦନାଥ ନାୟକ, ଅଭିମନ୍ୟୁ ବିଶୋୟୀ, ପିତାମ୍ବର ରାଓ, ତ୍ରିପତି ବିଶୋୟୀ, ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ।


ମାରାଥନରେ ସାମିଲ ହୋଇଥିବା ଛାତ୍ରୀଛାତ୍ରମାନେ ।


ଗଣଦୌଡରେ ସାମିଲ ହୋଇଥିବା ବିଜୁ ଯୁବ ବାହିନୀର ସଦସ୍ୟମାନେ ।

# ପଦଯାତ୍ରା ବେଳେ ସାପ କାମୁଡ଼ାରେ ଯୁବତୀ ଆହତ

ଡାବୁଗାଁ, ୨୭।୧୧ (ଡି.ଏନ.ଏ.)

ନବରଙ୍ଗପୁର ଜିଲାର ଯୁବତୀ ଓ ଯୁବକମାନଙ୍କୁ ଜିଲା ଭିତ୍ତିକ ନିଯୁକ୍ତି ଓ ଦଖଲ ଜମି ପଟ୍ଟା ପ୍ରଦାନ ଦାବିରେ ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ ନବରଙ୍ଗପୁର ଜିଲା କମିଟି ତରଫରୁ ରାଇଘର ଠାରୁ ନବରଙ୍ଗପୁର ପର୍ଯ୍ୟନ୍ତ ପଦଯାତ୍ରା ବାହାରିଥିଲା। ସୋମବାର ରାଇଘର ଠାରୁ ପଦଯାତ୍ରା ବାହାରି ମଙ୍ଗଳବାର ରାତି ୮ଟାରେ ଡାବୁଗାଁ ବ୍ଲକ ସଦରମହକୁମାଠାରେ ପହଞ୍ଚିଥିଲା । ମଙ୍ଗଳବାର ଡାବୁଗାଁ ଠାରେ ରାତିରେ ବିଶ୍ରାମ ନେଇ ବୁଧବାର ନବରଙ୍ଗପୁର ଜିଲା ସଦରମହକୁମା ଠାରେ ପହଞ୍ଚି ଜିଲାପାଳଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏହି ପଦଯାତ୍ରା ସମୟରେ ଡାବୁଗାଁ ବ୍ଲକ ଠାରୁ ୨ କି.ମି ଦୂର ଦଶମୁଣ୍ଡିଆ ମନ୍ଦିର ନିକଟରେ ପଦଯାତ୍ରାରେ ସାମିଲ ଥିବା ଜଣେ ଯୁବତୀଙ୍କୁ ରାସ୍ତାରେ ସାପ କାମୁଡି ଦେବାରୁ ସେ ଆହତ ହୋଇଥିଲେ । ପୋଲିସ ସହାୟତାରେ ଯୁବତୀକୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି | ଆହତ ଯୁବତୀ ହେଲେ ରାଇଘର ବ୍ଲକ ଅଧୀନ ଦଶପୁର ଗ୍ରାମର ସଙ୍ଗବାଇ ଗଣ୍ଡ (୧୭) । ବର୍ତ୍ତମାନ ସେ ସୁସ୍ଥ ଥିବା ଡାକ୍ତର ଦେବାଶିଷ ପଣ୍ଡା ସୂଚନା ଦେଇଛନ୍ତ। ଏଥିରେ ପ୍ରାୟ ୧୦୦ରୁ ଉର୍ଦ୍ଧ ଯୁବତୀ ଯୁବକ ସାମିଲ ହୋଇଛନ୍ତି।



ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା।
PRADIPTA RANJAN DAS, CHAIRMAN

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା।
ଭଗବାନ ଦୋରା
Proprietor



ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଗୀତାଞ୍ଜଳି ଡାଡିଙ୍ଗୀ
ସରପଞ୍ଚ, ଦୁଧାରୀ


With Best Compliments From-
AKSUS
Bissamcuttack

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ରାଜେନ୍ଦ୍ର ପାତ୍ର
M.D



ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ହେମନ୍ତ ଚନ୍ଦ୍ର ପ୍ରଧାନ
ରେଞ୍ଜର, ସେମିଳିଗୁଡା


ଅପପୁଷ୍ଟି ଦୂର କରିବା ପାଇଁ ଥାଳିରେ ଖାଦ୍ୟ ବିବିଧତା ବଢ଼ାନ୍ତୁ। ପ୍ରତିଦିନ ଆହାରରେ ନିଶ୍ଚିତ ଭାବେ ଶସ୍ୟ ଜାତୀୟ, ଡାଲି ଜାତୀୟ ବା ଆମିଷ ଜାତୀୟ ଓ ପନିପରିବା ଆଦି ଖାଦ୍ୟ ଖାଆନ୍ତୁ।
ଫାର୍ମ କାର୍ଯ୍ୟକ୍ରମ

PED HAI HARA SONA
ISKO KABHI NAHIN KHONA

A Well Wisher

'ଧରିତ୍ରୀ'ର ୪୫ତମ ସ୍ୱନକ୍ଷତ୍ର ଅବସରରେ 'ଧରିତ୍ରୀ' ସମସ୍ତଙ୍କ ପ୍ରିୟପାତ୍ର ହୋଇଥିବାରୁ ଶୁଭେଚ୍ଛା।
ଗ୍ରାମ ରୋଜଗାର ସେବକ ସଂଘ
ବିଷମକଟକ




ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଅବସରରେ ସମସ୍ତ ଜନସାଧାରଣ ଏବଂ ବିଷମକଟକର ବାସିନ୍ଦାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା।
ଡି. ଶ୍ରୀନିବାସ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ବୁଧବାର, ନଭେମ୍ବର ୨୮/୨୦୧୮ Rayagada, Wednesday, November 28 / 2018

## ସଂକ୍ଷେପରେ

### ସୀମାନ୍ତରେ ବିସ୍ଫୋରଣ, ଯବାନ ଆହତ

**ମାଲକାନଗିରି,୨୭।୧୧ (ଡି.ଏନ.ଏ.) :** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ସୁକ୍‌ମା ଜିଲାରେ ପୁଣି ମାଓବାଦୀ ମାନେ ପୋଲିସକୁ ଟାର୍ଗେଟ କରିଛନ୍ତି। ମାଓବାଦୀଙ୍କ ବିସ୍ଫୋରଣରେ ଜଣେ ଯବାନ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଡିଆରଜିର କନଷ୍ଟେବଲ ମାଡବି ସୁକା। ସୁକ୍‌ମା ଜିଲା ଚିନ୍ତାଗୁଫା ଥାନା ରଙ୍ଗାପରା ଜଙ୍ଗଲରେ ମଙ୍ଗଳବାର ପୋଲିସ ପକ୍ଷରୁ କୋମ୍ବିଂ ଅପରେସନ କରାଯାଉଥିଲା। ଏହି ସମୟରେ ମାଓବାଦୀମାନେ ଆଇ.ଡି. ବିସ୍ଫୋରଣ କରିଥିଲେ। ଫଳରେ ସୁକା ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଚିନ୍ତାଗୁଫା ପରେ ହେଲିକପ୍ଟର ଯୋଗେ ରାୟପୁର ସ୍ଥାନାନ୍ତରିତ କରାଯାଇଛି।

### ମଣ୍ଡି ଉଦ୍‌ଘାଟିତ

**କୋରକୋଣ୍ଡା, ୨୭।୧୧ (ଡି.ଏନ.ଏ.):** କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ମାରିଓ୍ୱାଡା ଓ ପିଟାକାଟା ପଞ୍ଚାୟତରେ ମଙ୍ଗଳବାର ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ଏଥିରେ ଉଭୟ ଗ୍ରାମର ସରପଞ୍ଚ, ଯାଞ୍ଚ କମିଟି ସଦସ୍ୟ, ଶାଖା ପରିଚାଳକ, ମିଲର ଉପସ୍ଥିତ ଥିଲେ। ଧାନର ମାନ ଠିକ୍ ରଖିବା ପାଇଁ ଚାଷୀଙ୍କୁ ଅନୁରୋଧ କରାଯାଇଥିଲା ।

### କଂଗ୍ରେସ ପକ୍ଷରୁ କର୍ମୀ ସମ୍ମିଳନୀ

**କୋରୁକୋଣ୍ଡା, ୨୭।୧୧(ଡି.ଏନ.ଏ.):** ତାର୍ଲାକୋଟା ପଞ୍ଚାୟତ ଅନ୍ତର୍ଗତ ପାଟନାଗୁଡା ଠାରେ ବ୍ଲକ କଂଗ୍ରେସ କମିଟି ତରଫରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ପୂର୍ବତନ ଏମପି ପ୍ରଦୀପ ମାଝି, ଜିଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର ଓ ପିସିସି ସମ୍ପାଦକ ହିମାଂଶୁ ଲିମା ଉପସ୍ଥିତ ଥିଲେ । ସୋମନାଥପୁରଠାରୁ ପାଟନାଗୁଡା ଯାଏ କଂଗ୍ରେସ କର୍ମୀ ଶୋଭାଯାତ୍ରା କରିଥିଲେ।

ମେଡିକାଲ କୋଠା ନିର୍ମାଣରେ ଦୁର୍ନୀତି

# ଅଭିଯୋଗ ଆଣିଲେ ପୂର୍ବତନ ଏମ୍‌ପି

**ମାଲକାନଗିରି,୨୭।୧୧(ଡି.ଏନ.ଏ.)**

ମାଲକାନଗିରି ଜିଲା ସଦର ମହକୁମାଠାରେ ଚିକିତ୍ସାଳୟ ପାଇଁ ହୋଇଥିବା ୭ମହଲା ବିଶିଷ୍ଟ ନୂତନ କୋଠା ନିର୍ମାଣରେ ଦୁର୍ନୀତି ହୋଇଥିବା ପୂର୍ବତନ ଏମପି ପ୍ରଦୀପ ମାଝୀ ମଙ୍ଗଳବାର ଅଭିଯୋଗ କରିଛନ୍ତି। ଗଣମାଧମକୁ ସୂଚନା ଦେଇ ମାଝୀ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ବିକାଶ ନାମରେ ବିଭିନ୍ନ ଯୋଜନା କରାଯାଉଛି। ମାତ୍ର ଯୋଜନା କାର୍ଯ୍ୟକାରୀ ବେଳେ ବହୁ ଦୁର୍ନୀତି ହେଉଛି। ୫୦ କୋଟି ଟଙ୍କା ବ୍ୟୟରେ ମାଲକାନଗିରି ମୁଖ୍ୟଚିକିତ୍ସାଳୟ ପାଇଁ କୋଠା ନିର୍ମାଣରେ କଣ୍ଟ୍ରାକ୍ଟର ଓ ବିଭାଗୀୟ ଯନ୍ତ୍ରୀ ମିଳିମିଶି ନିମ୍ନମାନର କାର୍ଯ୍ୟ କରିଥିବା ମାଝି ଅଭିଯୋଗ କରିଛନ୍ତି। ପ୍ରକୃତ ଏଷ୍ଟିମେଟ ଅନୁସାରେ କାର୍ଯ୍ୟ ହୋଇନାହିଁ। ନିମ୍ନମାନର ସିମେଣ୍ଟ, ବାଲି ଓ ରଡ୍ ବ୍ୟବହାର ହୋଇଥିବାବେଳେ ପ୍ରାୟ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପିସି କାରବାର ହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ବେଳେ ତରବରିଆ ଭାବେ ଏହାକୁ ଉଦ୍‌ଘାଟନ କରାଯାଇଛି। ଏହି ଅତ୍ୟାଧୁନିକ ଚିକିତ୍ସାଳୟରେ ଅଗ୍ନି ପ୍ରତିଷେଧକ ବ୍ୟବସ୍ଥା କରାଯାଇ ନାହିଁ। ଅକ୍ସିଜେନ୍ ପ୍ଲାଣ୍ଟ ମଧ୍ୟ ନାହିଁ। ଏଠାରେ ଷଷ୍ଠ ଓ ୭ମ ମହଲାରେ ପ୍ରଶାସନ ପକ୍ଷରୁ ଏଏନଏମ୍ ତାଲିମକେନ୍ଦ୍ର କରିବା ପାଇଁ ମସୁଧା କରା ଯାଉଛି ବୋଲି ପ୍ରକାଶ କରି ଏହାକୁ କଂଗ୍ରେସ ପକ୍ଷରୁ ବିରୋଧ କରାଯାଉଛି ବୋଲି ମାଝି କହିଥିଲେ। ଅନ୍ୟପକ୍ଷରେ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଯନ୍ତ୍ରୀ ଦୁର୍ନୀତି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, ରାମପ୍ରସାଦ ପଟ୍ଟନାୟକ, ଜି. ଶ୍ରିନୀବାସ ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

# ଲାପ୍‌ଟପ୍ ପାଇ ଛାତ୍ର ସମ୍ବର୍ଦ୍ଧିତ

**କାଲିମେଲା,୨୭।୧୧(ଡି.ଏନ.ଏ.)**

ଯୁବ ସଶକ୍ତୀକରଣ ଯୋଜନାରେ ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଲାପଟପ ବଣ୍ଟନ କରାଯାଉଛି । ଛାତ୍ରୀଛାତ୍ରଙ୍କ ମନରେ ପାଠପଢା ପ୍ରତି ଉତ୍ସାହ ବୃଦ୍ଧି କରିବା ଲାଗି ଏହି ଯୋଜନା କାର୍ଯ୍ୟକାରୀ ହେଉଛି। ଚଳିତ ବର୍ଷ ମଧ୍ୟ ମାଲକାନଗିରି ଜିଲାରେ ଥିବା ବିଭିନ୍ନ ଅଞ୍ଚଳର ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୪୨ ଜଣ ଛାତ୍ରୀଛାତ୍ରଙ୍କୁ ଲାପଟପ ବଣ୍ଟନ କରାଯାଇଛି । ଏହି ଅବସରରେ ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମପିଭି-୮୧ସରକାରୀ ଉଚ୍ଚ ବିଦ୍ୟାଳୟରୁ ଜଣେ ପୁରାତନ ଛାତ୍ର ନବ କୁମାର ଗୋଲଦାର ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲାପଟପ ପାଇ ପୁରସ୍କୃତ ହୋଇଛନ୍ତି। ଏଥିପାଇଁ ନବଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ନବ ଦଶମ ଶ୍ରେଣୀରେ ଭଲ ନମ୍ବର ରଖି ଉତୀର୍ଣ୍ଣ ହେବା ପରେ ମାଲକାନଗିରିର ଏକ ଘରୋଇ ମହାବିଦ୍ୟାଳୟରେ ପଢୁଛନ୍ତି। ନବ କୁମାର ଆମ ବିଦ୍ୟାଳୟ ପାଇଁ ଗର୍ବ ଓ ଗୌରବ ବୋଲି ଆୟୋଜିତ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃତିବାସ ସାମନ୍ତରାୟ କହିଛନ୍ତି। ସଭାପତି ସରାବୁ ନାନକାଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ରବୀନ ମଣ୍ଡଳ, ପିଣ୍ଟୁ ବିଶ୍ୱାସ, ଅକ୍ଷୟ ରାଉତରାୟ, ନିରଞ୍ଜନ ଖଣ୍ଡେଇ, ଗନ୍ଧର୍ବ ରାଉ, ସୁମିତ ସରକାର, ଅରବିନ୍ଦ ବେହେରା, ଶ୍ରୀବତ୍ସ ସରକାର, ଶିକ୍ଷୟତ୍ରୀ ସାବିତ୍ରୀ ମଣ୍ଡଳ, ପୁଷ୍ପଲତା ଗମାଙ୍ଗ, ପ୍ରଭାସିନୀ ବିଶିଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ୬ କୋଟିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଗଛ ନଷ୍ଟ

**ମାଲକାନଗିରି,୨୭।୧୧(ଡି.ଏନ.ଏ.)**

ମାଲାକନଗିରି ଜିଲା ଚିତ୍ରକୋଣ୍ଡା ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଚିତ୍ରକୋଣ୍ଡା ଥାନା ଅଞ୍ଚଳର ପରଜାଗୁଡା, ବାଲିଗୁଡା,ଦୋରାଗୁଡା, ରାଇପୁର ଅଞ୍ଚଳରେ ଗ୍ରାମକୁ ଲାଗିଥିବା ଜଙ୍ଗଲ ଜମିରେ ପ୍ରାୟ ୪୮ ଏକର ଜମିରେ ହୋଇଥିବା ୫୦ ହଜାର ଗଞ୍ଜେଇ ଗଛକୁ କାଟି ନିଆଁ ଲଗାଇ ପୋଡି ଦେଇଥିଲେ। ଏହାର ମୂଲ୍ୟ ୪ କୋଟିରୁ ଊର୍ଦ୍ଧ୍ୱ ହେବ। ଚଢାଉରେ ଅବକାରୀ ନିରୀକ୍ଷକ ବିମ୍ବାଧର ପଣ୍ଡା, ଏସ୍. ଜଗାରାଓ, ତିରୁପତି ପ୍ରସାଦ ପଣ୍ଡା ସାମିଲ ହୋଇଥିଲେ। ସେହିପରି କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ରାଙ୍ଗିଣିଗୁଡା ଏବଂ ଖଇରପୁଟ ବ୍ଲକର ଆମ୍ବାଗୁଡା ଅଞ୍ଚଳରେ ସୋମବାର ଜିଲା ଅବକାରୀ ବିଭାଗ ଚଢାଉ କରି ଘଞ୍ଚ ଜଙ୍ଗଲ ମଧ୍ୟରେ ଥିବା ପ୍ରାୟ ୧୧.୫ ଏକର ଜମିରେ ହୋଇଥିବା ୧୩ ହଜାର ଗଞ୍ଜେଇ ଗଛକୁ ନଷ୍ଟ କରି ଦେଇଛନ୍ତି। ଏହାର ବଜାର ମୂଲ୍ୟ ୨କୋଟି ହେବ। ଅବକାରୀ ଅଧୀକ୍ଷକ ଅଶୋକ କୁମାର ସେଠଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା ।

# ରାଜ୍ୟସ୍ତରକୁ ୨ ଛାତ୍ର ମନୋନୀତ

**ଗୋବିନ୍ଦପାଲି, ୨୭।୧୧**

କୋରାପୁଟର ପୁଙ୍ଗାଠାରେ ମଣ୍ଡଳସ୍ତରୀୟ ବିଜ୍ଞାନମେଳାରେ ଅଂଶଗ୍ରହଣ କରି ଗୋବିନ୍ଦପାଲି ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀର ୨ ଛାତ୍ର ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ସେମାନେ ହେଲେ ପବିତ୍ର ଶିଶା ଓ ପ୍ରଫୁଲ୍ଲ ସୋଡି। ଉଭୟେ ବାୟୁ ପ୍ରଦୁଷଣର ପ୍ରତିକାର ଉପରେ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ